
ପାଠ - ୪

# ହଇଓ ସମୁଦି

ଦ୍ୱିପହର ବେଳା ହୋଇଥାଏ । ହନୁବଇଦ ଖଟରେ ଶୋଇଥାଏ । ସମୁଦି ଗଧିଆଙ୍କ କଥା ତା'ର ମନେ ପଡ଼ିଲା । ସମୁଦିଘରକୁ ବହୁତ ଦିନ ହେଲା ଯାଇନାହିଁ । ଭାବିଲା, ସମୁଦି ଘର ଆଡ୍ଡୁ ବୁଲି ଆସିବ । ସମୁଦିଘରକୁ ଗଲା । ଦ୍ୱାରରେ ଠକ୍‌ଠକ୍ କଲା । ଗଧିଆ ଧୀର ସ୍ୱରରେ 'ହଁ' କହିଲା । ଠକ୍‌ଠକ୍ ଶୁଣି ଦ୍ୱାର ଖୋଲିଲା ।



ହନୁବଇଦ ତା’ ମୁହଁ ଦେଖି ପଚାରିଲା, “କ’ଣ ହୋଇଛି ସମୁଦି ? ତୁମର ମୁହଁ ଶୁଖିଲା ଦିଶୁଛି ।” ଗଧିଆ କହିଲା, “କିଛିଦିନ ହେଲା ଜ୍ୱର ହେଉଛି ।” ଜ୍ୱର ହେବାର କାରଣ ବିଷୟରେ ହନୁବଇଦ ପଚାରିଲା ।



ଗଧିଆ କହିଲା, “କ’ଣ କହିବି ସମୁଦି ! ବିଲେଇନାନୀର ମିଠା ଦୋକାନକୁ ଯାଇଥିଲି । ସେଠି ମିଠା, ସିଙ୍ଗଡ଼ା ଓ ଆଳୁଚପ୍ ଖାଇଲି । ସେଗୁଡ଼ାକ ବାସି ଜିନଷ । ଖରାପ ହୋଇଯାଇଥିଲା । ବିଲେଇନାନୀର ସରାଗ ଦେଖି ମନା କରିପାରିଲିନାହିଁ । ଖାଇଦେଲି ସିନା, ଘରକୁ ଫେରିଲାପରେ ପେଟ ଖରାପ ହୋଇ ଝାଡ଼ା ହେଲା । ତା’ପରଠୁ ତ ଜ୍ୱର । ସେଥିରେ ଆଗରୁ ଥିବା ଶ୍ୱାସରୋଗ ବାହାରି ପଡ଼ିଲା । ଭାରି ଧଇଁସଇଁ ଲାଗୁଛି ।”

ହନୁବଇଦ ସବୁଶୁଣିଲା । ଔଷଧ ଦେଲା । ଆଶ୍ୱାସନା ଦେଇ କହିଲା, ଡରନା, ତୁମର କିଛି ହେବ ନାହିଁ । ହନୁର ଔଷଧରେ ଗଧିଆର ଭାରି ବିଶ୍ୱାସ । ହନୁବଇଦ କହିଲା, ସମୁଦି କଥାଟିକୁ ଗଣ୍ଠି ପକାଇ ମନେରଖ –

"ଖାଇବାଦରବ ପଚାସଢ଼ା ବାସି
ଭଣଭଣ କରି ମାଛି ଥିବେ ବସି
ଭୋକରେ ପଛକେ ଜୀବନ ହାରିବ
ସେପରି ଦରବ କେବେ ନ ଖାଇବ ।"

## ଅଭ୍ୟାସ

**୧। ଗପରୁ କୁହ ।**

(କ) ହନୁବଇଦ ଖଟରେ ଶୋଇ କାହା କଥା ମନେ ପକାଇଲା ?

(ଖ) ଗଧିଆକୁ କାହିଁକି ଜ୍ୱର ହେଲା ?

(ଗ) ହନୁବଇଦ ଗଧିଆକୁ କି ଉପଦେଶ ଦେଲା ?

**୨। ପାଠରୁ ଖୋଜି ବାହାର କର ଓ ତା'ଚାରିପଟେ ଗୋଲ୍ ବୁଲାଅ ।**

ଜ୍ୱ, ସ୍ୱ, ଦ୍ୱା, ଶ୍ୱା

**୩। ଶବ୍ଦ ଗଢ଼ ଓ ଠିକ୍ ଉଚ୍ଚାରଣ କରି ପଢ଼ ।**

ଯଥା – ବିଶ୍ୱ

ଅ ___

ଈ ___ ର

ବି ___ ସ

୪। 'ବିଶ୍ୱ' ଶବ୍ଦରେ ଯେପରି 'ଶ' ତଳେ ('୍ୱ'ଓ୍ୱ ଫଳା) ଲାଗିଛି ସେପରି '୍ୱ' ଫଳା ଲଗାଇ ଶବ୍ଦ ଲେଖ ।

__________ __________ __________

୫। ଠିକ୍ ଜାଗାରେ '୍ୱ' ଫଳା ଲଗାଇ ଗୀତଟିକୁ ପଢ଼ ଓ ଲେଖ ।

ଦାରଦାର ବୁଲି ହାଲିଆ ହେଲିଣି
ନିଃଶାସ ବହୁଛି ଖର
ମଧୁର ସୁରରେ କିପରି ଗାଇବି
ଦେହରେ ରହିଛି ଜର ।

୬। କ୍ରମରେ ସଜାଡ଼ି ଲେଖ ।

ଶ୍ୱାସରୋଗ ଥିଲା । ____________________

ପେଟ ଖରାପ ହେଲା । ____________________

ଔଷଧ ଖାଇଲା । ____________________

ଦ୍ୱାର ଠକ୍‌ଠକ୍ ହେଲା । ____________________

ସମ୍ମୁଦିଘରକୁ ଗଲା । ____________________

୭। ବିଲେଇନାନୀ ଦୋକାନରେ କି କି ଜିନିଷ ମିଳୁଥିଲା ?

______________________________

______________________________

୮। ତୁମ ଘର ପାଖରେ କେଉଁ ସବୁ ଦୋକାନ ଅଛି, ତା'ର ତାଲିକା କର ।

__________ __________ __________

୯। କେତୋଟି ଖାଦ୍ୟର ନାମ ଲେଖି ସେଗୁଡ଼ିକ କିପରି ଖରାପ ହୋଇଯାଏ ଲେଖ ।

ଯେପରି – ଭାତ ଅଧିକ ଦିନ ରହିଲେ ବାସି ହୋଇଯାଏ ।

ପାଉଁରୁଟି ଖୋଲାରେ ରହିଲେ ଖଟା ବାସନା ହୁଏ ।

____________________________

____________________________

____________________________

୧୦। ବାସି ଖାଇବା ପାଇଁ ଚାହୁଁ ନାହିଁ । ସେଥିପାଇଁ ତୁମେ କ'ଣ କରିବ ?

____________________________________

____________________________________

୧୧। ବଜାରରେ ବିକ୍ରି ହେଉଥିବା କେଉଁ ସବୁ ଜିନିଷରେ ମାଛି ବସେ ସେଗୁଡ଼ିକର ନାମ ଲେଖ ।

______ , ______ , ______ , ______ , ______ ।

୧୨। ପଚାସଢ଼ା ଜିନିଷ ଖାଇଲେ ତମକୁ କେଉଁସବୁ ରୋଗ ହେବ ?

______ , ______ , ______ , ______ , ______ ।

පাঠ - ৪

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

ପିରିୟଡ଼ ସଂଖ୍ୟା - ୩୦

**କ'ଣ ଶିଖିବେ -**

**ଭାଷା :**

- ☐ 'ୱ' – ଫଳା ଚିହ୍ନଟ। 'ୱ' ଫଳା ଶବ୍ଦ ପଠନ, ଲିଖନ, ବାକ୍ୟକୁ ଦେଖି ଲେଖିବେ।
- ☐ ଶିଖିଥିବା ଫଳା ଠିକ୍ ଭାବରେ ଲେଖି ପାରିବେ।
- ☐ ଠିକ୍ ବନାନ୍ ସହିତ ପରିଷ୍କାର ଭାବରେ ଶବ୍ଦ, ବାକ୍ୟ ଲେଖିବେ।

**ପରିବେଶ:**

- ☐ ଅପରିଷ୍କାର ଖାଦ୍ୟଯୋଗୁଁ ହେଉଥିବା ରୋଗ ବିଷୟରେ ଅବଗତ ହେବେ। ପିଲାଙ୍କସହ ଶିକ୍ଷକ ପ୍ରଥମେ ଜ୍ୱର, ଝାଡ଼ା ଆଦି ରୋଗ ବିଷୟରେ କିଛି କଥାବାର୍ତ୍ତା କରିବେ । ପିଲାଙ୍କ ଅନୁଭୂତିକୁ ବିନିମୟ କରିବେ। ତା'ପରେ ଗପଟିକୁ କହିବେ।
- ☐ ୱ ଫଳା ଶବ୍ଦ ଥିବା ବାକ୍ୟ କଳାପଟାରେ ଲେଖି ଆମ ଧାରା ଅନୁଯାୟୀ ବାକ୍ୟରୁ ଶବ୍ଦ, ଶବ୍ଦରୁ ଅକ୍ଷର ଚିହ୍ନାଇବେ।
- ☐ ଶିକ୍ଷକ ନିଜେ ମନରୁ ବାକ୍ୟ ଲେଖି ୱ-ଫଳା ଚିହ୍ନାଇ ପାରିବେ।
- ☐ ଚିତ୍ରଗୁଡ଼ିକ ଦେଖିବାକୁ କହିବେ ଓ କ'ଣ ଦେଖୁଛନ୍ତି ଆଲୋଚନା କରିବେ।
- ☐ ବିଭିନ୍ନ ପରିସ୍ଥିତି ଉପରେ ପିଲାଙ୍କୁ ଅଭିନୟ କରିବାକୁ ଦେବେ।
- ☐ ଲୋକେ ଦେହ ଖରାପ ହେଲେ କେତେ ପ୍ରକାର ଚିକିତ୍ସା କରନ୍ତି ଅନୁଭୂତିକୁ ଆଧାର କରି ଆଲୋଚନା କରିବେ।
- ☐ ବାସିଖାଦ୍ୟର ଅପକାରିତା, ମାଛିବସାଖାଦ୍ୟର ଅପକାରିତା ବିଷୟରେ ଆଲୋଚନା ହେବା ଦରକାର।

**ଅଭ୍ୟାସ**

- ☐ ପ୍ରତ୍ୟେକପିଲା ଅଭ୍ୟାସକାର୍ଯ୍ୟଗୁଡ଼ିକ ଲେଖିବେ। ଶ୍ରେଣୀରେ ଶିକ୍ଷକ ଆଲୋଚନା କରିବେ।
- ☐ ପ୍ରତ୍ୟେକପ୍ରଶ୍ନ ସଂପର୍କିତ ଅଧିକରୁଅଧିକ ପ୍ରଶ୍ନ ସଂଗ୍ରହକରି ପିଲାଙ୍କୁ ଦେଇପାରିବେ।
- ☐ ପ୍ରଶ୍ନ ୮, ୯ ପରି ଅଧିକ ଭାବନା ଉଦ୍ରେକକାରୀ ପ୍ରଶ୍ନ ପଚରାଯିବା ଦରକାର।
- ☐ ପଚାସଡ଼ା ଜନିଷ କାହିଁକି ଖାଇବାନାହିଁ ସେ ବିଷୟରେ ଅଧିକ ଆଲୋଚନା କରାଯିବ।